# NATIONAL NEWS BULLETIN (ODIA)

**22 October - 2025**

**Morning Bulletin : 7.15 a.m.**

*************************************

## ମୁଖ୍ୟ ସମ୍ବାଦ

- ଚାରିଦିନିଆ କେରଳ ଗସ୍ତ ଅବସରରେ ଆଜି ସାବରିମଳା ମନ୍ଦିର ପରିଦର୍ଶନ କରିବେ ରାଷ୍ଟ୍ରପତି
- ବିହାର ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିବସ
- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଉଛି ଭାରତୀୟ ନୌସେନାର ଦ୍ୱିବାର୍ଷିକ କମାଣ୍ଡର ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ
- ନେପାଳରେ ସାଧାରଣ ନିର୍ବାଚନ ନିମନ୍ତେ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ପ୍ରସ୍ତୁତି ଆରମ୍ଭ

ଏବଂ

- ଆଇସିସି ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିଜୟୀ

## ପ୍ରେଜ୍ କେରଳ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେରଳକୁ ଚାରି ଦିନିଆ ଗସ୍ତରେ ଯାଇ ଗତ ସନ୍ଧ୍ୟାରେ ତିରୁବନନ୍ତପୁରମରେ ପହଞ୍ଚିଛନ୍ତି । ବିମାନ ବନ୍ଦରଠାରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ଏବଂ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍ ଓ କେନ୍ଦ୍ରମନ୍ତ୍ରୀ ଜର୍ଜ କୁରିଅନ୍ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ଆଜି

ସାବରୀମାଳା ମନ୍ଦିର ପରିଦର୍ଶନ କରିବେ। ତିରୁବନନ୍ତପୁରମର ରାଜଭବନରେ ପୂର୍ବତନ ରାଷ୍ଟ୍ରପତି କେ. ଆର. ନାରାୟଣନଙ୍କ ଏକ ପ୍ରତିମୂର୍ତ୍ତିକୁ ରାଷ୍ଟ୍ରପତି ଆସନ୍ତାକାଲି ଅନାବରଣ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ନାରାୟଣ ଗୁରୁ ସମାଧିର ଶତବାର୍ଷିକୀ ସମାରୋହରେ ରାଷ୍ଟ୍ରପତି ଯୋଗଦେବେ। ଏହି ଗସ୍ତ ଅବସରରେ ରାଷ୍ଟ୍ରପତି' ପାଲାସ୍ଥିତ ସେଣ୍ଟ ଥମାସ କଲେଜ ଏବଂ ଏର୍ନାକୁଲମଠାରେ ସେଣ୍ଟ ଟେରେସା କଲେଜର କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ବିହାର ଇଲେକ୍ସନ

ବିହାର ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷଦିବସ । ଗତକାଲି ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ଆସନ୍ତାମାସ ୧୧ ତାରିଖରେ ଏହି ପର୍ଯ୍ୟାୟରେ ୧୨୨ଟି ଆସନ ପାଇଁ ମତ ଗ୍ରହଣ କରାଯିବ । ଯାଞ୍ଚ ସମୟରେ ପୂର୍ବ ଚମ୍ପାରନ୍ ଜିଲ୍ଲାର ସୁଗୌରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ବିକାଶଶୀଳ ଇନ୍‌ଶାନ୍ ପାର୍ଟିର ପ୍ରାର୍ଥୀଙ୍କର ନାମାଙ୍କନପତ୍ର ଖାରଜ ହୋଇଯାଇଛି । ଆବଶ୍ୟକ ସଂଖ୍ୟକ ପ୍ରସ୍ତାବକ ନଥିବାରୁ ତାଙ୍କର ପ୍ରାର୍ଥିପତ୍ର ଖାରଜ ହୋଇଥିବା ଜଣାପଡ଼ିଛି ।

ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ ସଂପର୍କିତ ଅଭିଯୋଗଗୁଡ଼ିକୁ ସି-ଭିଜିଲ୍ ଆପ୍ ମାଧ୍ୟମରେ ଦାଖଲ କରିବା ପାଇଁ ନିର୍ବାଚନ ଆୟୋଗ ପରାମର୍ଶ ଦେଇଛନ୍ତି । ଆଦର୍ଶ ନିର୍ବାଚନ ଆଚରଣବିଧି କଡ଼ାକଡ଼ି ଭାବେ ପାଳନ କରିବାକୁ ରାଜ୍ୟ ନିର୍ବୋଚନ କମିଶନଙ୍କୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ବିହାରରେ ମୋଟ୍ ୮୨୪ଟି ଫ୍ଲାଇଂ ସ୍କ୍ୱାର୍ଡ ନିଯୁକ୍ତ କରାଯାଇଛି।

ନିର୍ବାଚନ ସଂପର୍କିତ ଅଭିଯୋଗକୁ ୧୦୦ ମିନିଟ୍ ମଧ୍ୟରେ ସମାଧାନ କରିବା ନେଇ ଆୟୋଗଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ସି-ଭିଜିଲ୍ ଆପ୍ ମାଧ୍ୟମରେ ବିହାର ସାଧାରଣ ନିର୍ବାଚନ ଏବଂ ଅନ୍ୟ ୮ଟି ରାଜ୍ୟର ବିଧାନସଭା ଉପନିର୍ବାଚନ ସମ୍ବନ୍ଧିତ ୬୫୦ଟି ଅଭିଯୋଗ ହସ୍ତଗତ ହୋଇଥିବା ଆୟୋଗ କହିଛନ୍ତି । ସେଥିମଧ୍ୟରୁ ୧୪୯ଟି ଅଭିଯୋଗର ସମାଧାନ କରାଯାଇ ସାରିଛି ।

ଅନ୍ୟପକ୍ଷରେ ଓଡ଼ିଶାର ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଆଜି ଶେଷ ହେଉଛି । ୨୪ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ନିମନ୍ତେ ଶେଷଦିବସ ଧାର୍ଯ୍ୟ ହୋଇଛି । ନିର୍ବାଚନରେ ୩ଟି ଯାକ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ମିଶାଇ ୧୯ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଆସନ୍ତା ମାସ ୧୧ ତାରିଖରେ ମତ ଗ୍ରହଣ କରାଯିବ । ୧୪ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

## ପିଏମ୍-ବଲିଭିଆ ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲିଭିଆର ନବନିର୍ବାଚିତ ରାଷ୍ଟ୍ରପତି ରୋଡ୍ରିଗୋ ପାଜ୍ ପେରେିରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଦ୍ୱିପାକ୍ଷିକ ସହଭାଗିତା ଏବଂ ସମୃଦ୍ଧିକୁ ସୁଦୃଢ଼ କରିବା ନେଇ ସେ ଆଶାବାଦୀ ଅଛନ୍ତି । ଭାରତ ଏବଂ ବଲିଭିଆ ମଧ୍ୟରେ ଦୀର୍ଘଦିନର ଘନିଷ୍ଠ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ସିଭିଲ୍ ଆଭିଏସନ୍ ଇଣ୍ଡିଆ

ଆକାଶମାର୍ଗ ଯୋଗେ ଆଞ୍ଚଳିକ ସଂଯୋଗ ଯୋଜନା **ଉଡେ ଦେଶ୍ କି ଆମ୍ ନାଗରିକ-ଉଡାନ୍** ମାଧ୍ୟମରେ ଗତ ୯ ବର୍ଷ ମଧ୍ୟରେ ୧ କୋଟି ୫୬ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ସୁବିଧା ପ୍ରଦାନ କରାଯାଇଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏ ସଂପର୍କରେ ସୂଚନା ଦେଇ କହିଛି, ୨୦୧୬ ଅକ୍ଟୋବର ୨୧ ତାରିଖରେ ଉଡ଼ାନ ଯୋଜନାକୁ ଆରମ୍ଭ କରାଯାଇଥିଲା । ଇତିମଧ୍ୟରେ ୩ ଲକ୍ଷ ୨୩ ହଜାର ବିମାନ ସେବା ଯୋଗାଇ ଦିଆଯାଇଛି । ଯୋଜନା ଅଧୀନରେ ୧୫ଟି ହେଲିପୋର୍ଟ ଏବଂ ୨ଟି ଜଳ ବିମାନ ବନ୍ଦର ସମେତ ୯୩ଟି ବିମାନ ବନ୍ଦରକୁ ସଂଯୋଗ କରାଯାଇ ୬୪୯ଟି ଯୋଗାଯୋଗ କ୍ଷେତ୍ରକୁ କାର୍ଯ୍ୟକ୍ଷମ କରାଯାଇଛି ।

ଯୋଜନାର ନବମ ବାର୍ଷିକୀ ପାଳନ ଅବସରରେ ନୂଆଦିଲ୍ଲୀଠାରେ ଗତକାଲି ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରଣାଳୟ ସଚିବ ସମୀର କୁମାର ସିହ୍ନା କହିଛନ୍ତି, ସାଧାରଣ ନାଗରିକଙ୍କ ପାଇଁ ବିମାନ ଯାତ୍ରାକୁ ସୁଲଭ କରିବାରେ ଉଡାନ୍ ଏକ ପରିବର୍ତ୍ତନକାରୀ ପଦକ୍ଷେପ ସାବ୍ୟସ୍ତ ହୋଇଛି । ୨୦୨୭ ଏପ୍ରିଲ୍ ମାସ ପରେ ମଧ୍ୟ ଏହି ଯୋଜନାକୁ ଜାରି ରଖିବା ଲାଗି ସରକାରଙ୍କ ନିଷ୍ପତ୍ତି ଉପରେ ସେ ଆଲୋକପାତ କରିଛନ୍ତି ।

ପାହାଡ଼ିଆ ଅଞ୍ଚଳ, ଉତ୍ତର-ପୂର୍ବ ଏବଂ ଆକାଂକ୍ଷୀ ଅଞ୍ଚଳ ସହିତ ଯୋଗାଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ପ୍ରାୟ ୧୨୦ଟି ନୂତନ ଗନ୍ତବ୍ୟସ୍ଥଳର ବିକାଶ ଉପରେ ସରକାର ଧ୍ୟାନ ଦେଉଛନ୍ତି ବୋଲି ସେ କହିଛନ୍ତି । ଯୋଜନା ଅଧୀନରେ ବିମାନ ବନ୍ଦରଗୁଡ଼ିକର ବିକାଶ ପାଇଁ ୪ ହଜାର ୬୩୮ କୋଟି

ଟଙ୍କା ବ୍ୟୟ କରାଯାଇଛି । ବିଭିନ୍ନ ଉପକୂଳ ଏବଂ ଦ୍ୱୀପାଞ୍ଚଳରେ ୩୦ଟି ଜଳ ବିମାନ ଘାଟିକୁ ସଂଯୋଗ କରୁଥିବା ୧୫୦ଟି ଯୋଗାଯୋଗ ପଥ ପାଇଁ ଇଣ୍ଟେଣ୍ଟ୍ ପତ୍ର ଜାରି କରାଯାଇଥିବା ମନ୍ତ୍ରଣାଳୟ କହିଛି ।

## ନାଭି କମାଣ୍ଡର କନ୍‌ଫରେନ୍ସ

ଭାରତୀୟ ନୌସେନାର ଦ୍ୱିବାର୍ଷିକ କମାଣ୍ଡର ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେଉଛି । ଅପରେସନ୍ ସିନ୍ଦୂର ଏବଂ ନୌସେନାର ଉନ୍ନତ ଯୁଦ୍ଧ ପ୍ରସ୍ତୁତି ପୃଷ୍ଠଭୂମି ଉପରେ ଆଧାରିତ ଏହି ତିନି ଦିନିଆ ସମ୍ମିଳନୀ ଗୁରୁତ୍ୱ ବହନ କରୁଛି । ସମ୍ମିଳନୀ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ କ୍ୟାବିନେଟ୍ ସଚିବ ନୌସେନା କମାଣ୍ଡରମାନଙ୍କୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ପ୍ରତିରକ୍ଷା କର୍ମଚାରୀ ପ୍ରମୁଖ ଏବଂ ବାୟୁ ସେନା ମୁଖ୍ୟ ମଧ୍ୟ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେବା ସହ ନୌସେନାର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିବେ । ସାମ୍ପ୍ରତିକ ଭୂ-ରଣନୈତିକ ପରିବେଶରେ ବହୁପକ୍ଷୀୟ ଆହ୍ୱାନକୁ ମୁକାବିଲା କରିବାରେ ନୌସେନା ଦୃଷ୍ଟିକୋଣରୁ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

## ନେପାଳ ପିଏମ୍ -ଜେନେରାଲ୍ ଇଲେକ୍ସନ

ନେପାଳରେ ସାଧାରଣ ନିର୍ବାଚନ ପ୍ରସ୍ତୁତି ତଥା ସୁରକ୍ଷା ପ୍ରସଙ୍ଗରେ ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କୀ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ସେ ବାଲୁଓ୍ୱାଟର୍ ସ୍ଥିତ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ କାର୍କୀ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ନେଇ ସମସ୍ତ ରାଜନୈତିକ ଦଳର

ସହଯୋଗ କାମନା କରିଛନ୍ତି । ନିର୍ବାଚନ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଦଳଗୁଡ଼ିକ ପକ୍ଷରୁ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କୁ ଅନୁରୋଧ କରାଯାଇଛି । ସରକାର ଆଇନ ଅନୁଯାୟୀ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କାର୍କୀ ପ୍ରତିନିଧି ମଣ୍ଡଳୀଙ୍କୁ ଆଶ୍ୱାସନା ଦେଇଛନ୍ତି । ଉପଯୁକ୍ତ ପ୍ରକ୍ରିୟା ଏବଂ ଆଇନ ପରିସୀମା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ । ଦୁର୍ନୀତିର ତଦନ୍ତ ଜାରି ରହିଛି ବୋଲି ପ୍ରଧାନମନ୍ତ୍ରୀ କାର୍କୀ କହିଛନ୍ତି ।

ସୂଚନାଯୋଗ୍ୟ ଦୁର୍ନୀତି ଓ ସାମାଜିକ ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ପରିପ୍ରେକ୍ଷୀରେ ଯୁବ ନେତୃତ୍ୱାଧୀନ ଜେନ୍‌ଜି ପକ୍ଷରୁ ନେପାଳରେ ବିରୋଧ ପ୍ରଦର୍ଶନ କରାଯାଇଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ବହିଷ୍କାର ପରେ ୭୩ ବର୍ଷୀୟ କାର୍କୀ ଗତମାସରେ ନେପାଳର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ଗ୍ୟାଲାଣ୍ଟ୍ରି ସାଇଟେସନକ

ଅପରେସନ ସିନ୍ଦୂର ସମେତ ବିଭିନ୍ନ ଅପରେସନ ଅବସରରେ ଅସାଧାରଣ ସାହସିକତା ପ୍ରଦର୍ଶନ କରିଥିବା ପ୍ରତିରକ୍ଷା କର୍ମଚାରୀଙ୍କୁ ବୀରତା ପୁରସ୍କାର ପ୍ରଦାନ କରାଯିବ। କେନ୍ଦ୍ର ସରକାର ଏ ସଂକ୍ରାନ୍ତ ଗେଜେଟ୍ ବିଜ୍ଞପ୍ତି ଜାରି କରିଛନ୍ତି । ମୁଖ୍ୟତଃ ଭାରତୀୟ ବାୟୁସେନା ଏବଂ ସେନା କର୍ମଚାରୀଙ୍କ ପାଇଁ ଏହା ଉଦ୍ଦିଷ୍ଟ । ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଶସ୍ତ୍ର ବାହିନୀ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀର କର୍ମଚାରୀଙ୍କୁ ୧୨୭ଟି ବୀରତା ପୁରସ୍କାର ଏବଂ ୪୦ଟି ବିଶିଷ୍ଟ ସେବା ପୁରସ୍କାର ପାଇଁ ମଂଜୁରୀ ପ୍ରଦାନ କରିଥିଲେ ।

# ଜିଏସଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ଵାରା ଘୋଷିତ ଏବଂ ଗତମାସ ୨୨ ତାରିଖରୁ ଆରମ୍ଭ ହୋଇଥିବା ଜିଏସଟି ବଚତ୍ ଉତ୍ସବ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସୁଫଳ ପହଞ୍ଚାଉଛି । ପୋଷାକ ଏବଂ ଜୋତା ନିର୍ମାଣ ତଥା ଉତ୍ପାଦନ କ୍ଷେତ୍ର ଏହା ଦ୍ଵାରା ଅଧିକ ଗତିଶୀଳ ହୋଇଛି । ପରବର୍ତ୍ତୀ ପିଢ଼ି ଜିଏସଟି ସଂସ୍କାର ମାଧ୍ୟମରେ ସରକାର ତନ୍ତୁ ଉପରେ ଜିଏସଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିଛନ୍ତି । ମାନବ ନିର୍ମିତ ସୂତା ଉପରେ ଟିକସ ହାର ମଧ୍ୟ ୧୨ରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଅଢ଼େଇ ହଜାର ଟଙ୍କା ପର୍ଯ୍ୟନ୍ତ ପୋଷାକ ଉପରେ ୫ ପ୍ରତିଶତ ଟିକସ ଧାର୍ଯ୍ୟ ହୋଇଛି, ଯାହାକି ପୂର୍ବରୁ ୧୨ ପ୍ରତିଶତ ଥିଲା । ଜିଏସଟି ସଂସ୍କାର ବଜାର ଚାହିଦା ବୃଦ୍ଧି କରିବା ସହ ଉତ୍ପାଦ କ୍ଷେତ୍ର ମଧ୍ୟ ପ୍ରୋତ୍ସାହିତ ହୋଇଛି ।

# ଭାନ୍ସ ଗାଜା ଭିଜିଟ୍

ଗାଜା ଅସ୍ତ୍ରବିରତି ଯୋଜନା ଉପରେ ଆମେରିକାର ଉପରାଷ୍ଟ୍ରପତି ଜେ.ଡି ଭାନ୍ସ ଆଶାବାଦୀ ଅଛନ୍ତି । ଦକ୍ଷିଣ ଇସ୍ରାଏଲ୍‌ର  କ୍ରିୟାତ୍‌ଗାଟ୍ ଠାରେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ଭାନ୍ସ କହିଛନ୍ତି, ଅସ୍ତ୍ର ବିରତି ନେଇ ଉଭୟ ପକ୍ଷ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ଆଶା କରୁଛନ୍ତି ।

ଇସ୍ରାଏଲ୍‌ର ବିମାନ ଆକ୍ରମଣରେ ୨୬ ପାଲେଷ୍ଟାଇନ୍ ଅଧିବାସୀଙ୍କର ମୃତ୍ୟୁ ହେବାର ୨ ଦିନ ପରେ ଗତକାଲି ଉପରାଷ୍ଟ୍ରପତି ଶ୍ରୀ ଭାନ୍ସ ଇସ୍ରାଏଲ୍ ଗସ୍ତରେ ଯାଇଛନ୍ତି। ଅସ୍ତ୍ର ବିରତି ଚୁକ୍ତିନାମାକୁ ସୁଦୃଢ଼ କରିବା ପାଇଁ ଟ୍ରମ୍ପ ପ୍ରଶାସନର ପ୍ରୟାସର ଏକ ଅଂଶ ଭାବେ ଶ୍ରୀ ଭାନ୍ସଙ୍କ ଯାତ୍ରାକୁ ବେଶ୍ ଗୁରୁତ୍ୱ

ମନେକରାଯାଉଛି । ହମାସ୍ ଅଧିକାରୀମାନେ କାୟାର୍ ଠାରେ ଆଲୋଚନାରେ ଯୋଗଦେବା ସହ ଇସ୍ରାଏଲ୍ ସହିତ ରହିଥିବା ମତଭେଦକୁ ଦୂର କରିବାକୁ ଚେଷ୍ଟା କରାଯାଇଛି। ପାଲେଷ୍ଟାଇନ୍ ଆତଙ୍କବାଦୀ ଗତ ୧୦ ତାରିଖରେ ୨ ଜଣ ଇସ୍ରାଏଲ୍ ସୈନ୍ୟଙ୍କୁ ହତ୍ୟା କରିବା ପରିପ୍ରେକ୍ଷୀରେ ରବିବାର ଇସ୍ରାଏଲ୍ ପକ୍ଷରୁ ଗାଜାରେ ବୋମା ମାଡ଼ କରାଯାଇଥିଲା ।

# ଆଇସିସି ୱିମେନ୍ କ୍ରିକେଟ୍

ଆଇସିସି ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଛି । ଶ୍ରୀଲଙ୍କାର କଲମ୍ବୋସ୍ଥିତ ଆର୍. ପ୍ରେମଦାସା ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୧୫୦ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍ ପ୍ରଥମେ ୪୦ ଓଭରରେ ସୀମିତ ରଖାଯାଇଥିଲା । ଟସ୍ ଜିତି ପାକିସ୍ତାନ’ ଦକ୍ଷିଣ ଆଫ୍ରିକାକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ଦକ୍ଷିଣ ଆଫ୍ରିକା ୯ ୱିକେଟ୍ ବିନିମୟରେ ୩୧୨ ରନ୍ ସଂଗ୍ରହ କରିଥିଲା । ଡିଏଲ୍‌ଏସ୍ ଅନୁଯାୟୀ ପାକିସ୍ତାନ ସମ୍ମୁଖରେ ୨୩୪ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ପାକିସ୍ତାନ ୨୦ ଓଭର୍‌ରେ ୭ ୱିକେଟ୍ ବିନିମୟରେ ୮୩ ରନ୍ କରିବାକୁ ସକ୍ଷମ ହୋଇଥିଲା । ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ପଏଣ୍ଟ ତାଲିକାର ଶୀର୍ଷକୁ ଉନ୍ନୀତ ହୋଇଥିବା ବେଳେ ପାକିସ୍ତାନ ପ୍ରତିଯୋଗିତାରୁ ବାଦ୍ ପଡ଼ିଛି ।